# Akashvani, Sambalpur

## SAMBALPURI NEWS EVENING BULLETIN

## 22 October 2025- 7.02 pm- 7.12 pm.

*********************************************

୧- ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ନାମାଙ୍କନ୍ ପତ୍ର ଯାଂଚ୍ ପ୍ରକ୍ରିୟା ହେଲା ଶେଷ୍ - ୧୪ ଝନ୍‌କର୍ ପ୍ରାର୍ଥୀପତ୍ର କାଏମ୍ ।

୨- ରାଏଜେ ସମ୍ଭାବ୍ୟ ବର୍ଷା ଆଉ ତାର୍ ମୁକାବିଲା ଲାଗି କୃଷି ବିଭାଗ୍ ତର୍‌ଫୁ ହେଇଛେ ପ୍ରସ୍ତୁତି ବୈଠକ୍ ।

- ଚାଷୀମାନ୍‌କର୍ ଲାଗି ଜାରି ହେଲା ହେଲ୍ପଲାଇନ୍ ନମ୍ବର୍ ।

୩- ଉସତ୍ ଉସ୍‌ନାକିଥି ସାରା ଦେଶେ ପାଲନ୍ କରାଯାଉଛେ ଗୋବର୍ଦ୍ଧନ୍ ପୂଜା ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ଆଏବା ରଏବାର୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହେବା ବର୍ଷା ।

ନୂଆପଡ଼ା-ପ୍ରାର୍ଥୀପତ୍ର ଯାଂଚ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ଯାଂଚ୍ ଶେଷ୍ ହେଇଛେ । ୧୪ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର କାଏମ୍ ରହିଥିବାର୍ ବେଲେ ୫ ଝନ୍‌କର୍ ପ୍ରାର୍ଥୀପତ୍ର ନାକଚ୍ ହେଇଥିବାର୍ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀ କହିଛନ୍ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

*ନୂଆପଡ଼ା ଉପ ନିର୍ବାଚନ୍ ଲାଗି ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ, କଂଗ୍ରେସ୍ ତର୍‌ଫୁ ଘାସିରାମ୍ ମାଝୀ, ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଉ ଓଡ଼ିଶା ଜନତା ପାର୍ଟି ତର୍‌ଫୁ ସୁକଧର ଦଣ୍ଡସେନାଙ୍କର୍ ନାମାଙ୍କନ୍ ପତ୍ର କାଏମ୍ ରହିଛେ । ସେଆଡ଼େ ବହୁଜନ ସମାଜ୍ ପାର୍ଟିର୍ ରାଜାରାମ୍ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ୍ ଦଲ୍‌ର ସୀତାରାମ୍ ବେହେରା, ଆର୍ ୩ ଝନ୍ ସ୍ୱାଧୀନ୍ ପ୍ରାର୍ଥୀ ପୁରୁଷୋତମ୍ ବେହେରା, କମଳ କୁମାର୍ ଛତ୍ରିଆ ଆଉ ଭୂଜବଳ ଆଡ଼ବଙ୍ଗ ଙ୍କର୍ ପ୍ରାର୍ଥୀପତ୍ର ନାକଚ୍ ହେଇଥିବା ଜିଲ୍ଲା ନିର୍ବାଚନ୍ କାର୍ଯ୍ୟାଳୟନୁ ସୂଚ୍‌ନା ମିଳିଛେ । ମୁଖିଆ ରାଜନୈତିକ୍ ଦଲର୍ ୮ ଝନ୍‌କର୍ ସହେତେ ୧୧ ଝନ୍ ସ୍ୱାଧୀନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ଆଏବା ଶୁକ୍ରବାର୍ ଦିନ ନାମାଙ୍କନ୍ ପତ୍ର*

ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ରହିଛେ । ନଭେମ୍ବର୍ ୧୧ ତାରିଖ୍ ହେବା । ନଭେମ୍ବର୍ ୧୪ ତାରିଖ୍‌ଥି ଭୋଟ୍‌ଗନ୍‌ତି କରାଯାଇକରି ଫଲାଫଲ୍ ଘୋଷ୍‌ନା କରାଯିବା । ବିଜେପି, ବିଜେଡ଼ି ଆଉ କଂଗ୍ରେସ୍ ତର୍‌ଫୁ ୪୦ ଝନ୍ ଲେଖା ତାରକା ପ୍ରଚାରକ ତାଲିକା ଜାରି ହେବାର୍ ଉତ୍‌ରୁ ନିର୍ବାଚନୀ ପ୍ରଚାର୍ ଚାଲିଛେ । ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌ଥି ୨ ଲାଖ୍ ୪୮ ହଜାର୍ ୨ ଶହ ୫୬ ଝନ୍ ଭୋଟର୍ ନିଜର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ । ସେମାନ୍‌କର୍ ଭିତ୍‌ରେ ୧ ଲାଖ୍ ୨୨ ହଜାର୍ ଶହେ ୩ ଝନ୍ ପୁରୁଷ ଆଉ ୧ ଲାଖ୍ ୨୬ ହଜାର୍ ଶହେ ୩୨ ଝନ୍ ମହିଳା ଭୋଟର୍ ଅଛନ୍ । ନୂଆପଡ଼ା ବିଧାନ୍‌ସଭା କ୍ଷେତ୍ର ନ ୩ ଶହ ୫୮ ଟା ମତଦାନ୍ କେନ୍ଦ୍ରଥି ଆଏବା ମାସ ୧୧ ତାରିଖ୍ ଦିନ ଭୋଟ୍ ଗ୍ରହଣ୍ କରାଯିବା ।

ଯେନ୍ ବୁଥ୍ ନ ୧୨ ଶହ ନୁ ଅଏତ୍‌କା ଭୋଟର୍ ଅଛନ୍ ସେସବୁ ଜାଗା ମାନ୍‌କେ ୫୬ ଟା ଅଏତ୍‌କା ନୂଆଁ ବୁଥ୍ କରାଯାଇଛେ । ଗେଜେଟ୍ ବିଜ୍ଞପ୍ତି ଅନ୍‌ସାରେ ମାଓ ପ୍ରଭାବିତ୍ ଇଲାକା ନ ଥିବା ୪୬ ଟା ବୁଥ୍ ନ ସଖାଲର୍ ୭ ନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ଲାଗି ସମିଆ ଧାରିଜ୍ କରାଯାଇଛେ । ସେନ୍ତା ଅଲ୍‌ଗା ସବୁ ବୁଥ୍ ମାନ୍‌କେ ବେଲ୍‌ବୁଡ଼ର୍ ୫ ବଜେତକ୍ ଭୋଟ୍ ଗ୍ରହଣ୍ କରାଯିବା । ଉପନିର୍ବାଚନ୍ ବାବଦ୍ କେନ୍‌ସି ଅଭିଯୋଗ୍ ଲାଗି ସାଧାରଣ୍ ପର୍ଯ୍ୟପେକ୍ଷକ୍ ଯୋଗାଯୋଗ ନମ୍ବର୍

*୯୦୭୮-୭୫୨-୪୫୨ ଜାରି କରାଯାଇଛେ । ଇତାର୍‌ସହେତେ ବ୍ୟକ୍ତିଗତ ଭାବେ ନୂଆପଡ଼ା ସର୍କିଟ୍ ହାଉସ୍ ଠାନେ ସଖାଲର୍ ୧୧ ନୁ ମଏଧାନର୍ ୧୨ ବଜେ ଭିତ୍‌ରେ ଭେଟିପାର୍‌ବେ ।*
*ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।*

କୃଷି ବିଭାଗ୍-ପ୍ରସ୍ତୁତି ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସମ୍ଭାବ୍ୟ ବର୍ଷା ଆଉ ତାର୍ ମୁକାବିଲା ଲାଗି କୃଷି ବିଭାଗ୍‌ର ଗୁଟେ ପ୍ରସ୍ତୁତି ବୈଠକ୍ ପ୍ରମୁଖ ଶାସନ୍ ସଚିବ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ରାଏଜେ ସମ୍ଭାବ୍ୟ ବାତ୍ୟାକେ ନେଇକରି କେନ୍‌ସି ପ୍ରକାର୍ ସୂଚ୍‌ନା ନାଇଁନ । ହେଲେ ଦକ୍ଷିଣ ପଶ୍ଚିମ ମୌସୁମୀ ଫିରିଥିବାର୍‌ନୁ ରାଏଜେ କିଛି ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଖାସ୍ କରି ସମୁଦ୍ର ଖଁଡ଼ି ଇଲାକା ନ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା । ସେଥିର୍‌ଲାଗି ଚାଷୀମାନ୍‌କୁ ପାଣିପାଗ୍ ବିଭାଗ୍‌ର ପରାମର୍ଶକେ ମାନ୍‌ବାର୍ ଲାଗି ଶ୍ରୀ ପାଢ଼ୀ ଅନୁରୋଧ୍ କରିଛନ୍ । ଚାଷୀମାନେ କେନ୍‌ସି ପ୍ରକାରର୍ ଭୁଲ୍ ତଥ୍ୟ ଶୁନିକରି ନାଇଁ ଡର୍‌ବାର୍‌କେ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଦର୍‌କାର୍ ପଡ଼୍‌ଲେ ୧୫୫-୩୩୩ ନମ୍ବର୍‌ଥି ଯୋଗାଯୋଗ୍ କର୍‌ବାର୍ ସହେତେ ପାଖର୍ ଆଂଚଲିକ୍

ଗବେଷଣା କେନ୍ଦ୍ରର୍ କୃଷି ଅଧିକାରୀମାନ୍‌କର୍ ସାଙ୍ଗେ ଭିଲ୍ ଯୋଗାଯୋଗ କରିପାର୍‌ବେ ବଲି କୁହାଯାଇଛେ ।

ଜୈବିକ ସାର୍        ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ସାର୍ ସଙ୍କଟ୍ ଦୂର୍ କର୍‌ବାର୍ ସହେତେ ରାସାୟନିକ୍ ସାର୍ ବଦ୍‌ଲେ ଜୈବିକ୍ ଚାଷ୍‌କେ ତହଁକାବାର୍ ଲାଗି ଧର୍‌ତି ମାତା ବଚାଓ ଅଭିଯାନ୍ କାର୍ଯ୍ୟକାରୀ କରାଯିବାର୍ ଲାଗି ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । କୃଷି ବିଭାଗ୍‌ର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କର୍ ସୂଚ୍‌ନା ଅନ୍‌ସାରେ ଜୈବିକ୍ ସାର୍ ବେଭାର୍‌କେ ଗୁରୁତ୍ୱ ଦେବାର୍ ଲାଗି ଜିଲ୍ଲାସ୍ତର୍ ନ ତ୍ରିସ୍ତରୀୟ କମିଟି ଗଠନ୍ କର୍‌ବାର୍‌କେ କୁହାଯାଇଛେ । ପଂଚାୟତ୍‌ସ୍ତର୍‌ଥି କମିଟି ଗଠନ୍ ଆଉ ତଦାରଖ୍ ସମିତି ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲାସ୍ତରୀୟ କମିଟି ସବୁନୁ ଅଏତ୍‌କା ରାସାୟନିକ୍ ସାର୍ ବେଭାର୍ ହେଉଥିବା ଶହେ ଟା ଗ୍ରାମ୍ ପଂଚାୟତ୍‌କେ ଚିହ୍ନଟ୍ କର୍‌ବେ । ଜୈବିକ୍ ସାର୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଆଘୋନୁ ବଳଭଦ୍ର ଜୈବିକ୍ ଚାଷ୍ ମିଶନ୍ କାର୍ଯ୍ୟକ୍ରମ୍ ଜାରି ରଖିଛନ୍ । ଇ କମିଟି ସାର୍ ଚୁରାଚାଲାଣ୍ ଆଉ କଳାବଜାରୀ ଉପ୍‌ରେ ନଜର୍ ରଖ୍‌ବେ ଇତାର୍ ଛଡ଼ା ମାସ୍‌କିଆ ସମୀକ୍ଷା କରିକରି ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କର୍‌ବେ ।

ମନ୍ କି ବାତ୍ ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ଶୁକ୍ରବାର୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍

ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଗୋବର୍ଦ୍ଧନ୍ ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ ଗୋବର୍ଦ୍ଧନ୍ ପୂଜା ପାଲନ୍ କରାଯାଉଛେ । ଭଗବାନ୍ ଶ୍ରୀକୃଷ୍ଣ ଗୋପପୁର ବାସୀଙ୍କୁ ଜବର୍ ବର୍ଷାର୍ ପ୍ରକୋପ୍‌ନୁ ରକ୍ଷା କର୍‌ବାର୍ ଲାଗି ନିଜର୍ ଡେବ୍‌ରୀ ହାତର୍ ଚିନି ଆଙ୍ଗ୍‌ଠି ଥି ଗୋବର୍ଦ୍ଧନ୍ ପର୍ବତ୍‌କେ ଉଠେଇକରି ସମ୍‌କୁ ଆଶ୍ରୟ ଦେଇଥିଲେ । ଭୁଦୋ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ନ ଶ୍ରୀବିଗ୍ରହମାନ୍‌କର୍ ଗିରିଗୋବର୍ଦ୍ଧନ୍ ବେଶ କରାଯାଏସି । ଇ ବେଶଥି ମହାପ୍ରଭୁ ଜଗନ୍ନାଥ ଗୋବର୍ଦ୍ଧନ୍ ପାହାଡ୍‌କେ ଧରିଥିବାର୍ ଦେଖ୍‌ବାର୍‌କେ ମିଲ୍‌ସି । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ପବିତ୍ର ଗୋବର୍ଦ୍ଧନ୍ ପୂଜାର ଶୁଭେଚ୍ଛା ଜନେଇକରି ରାଜ୍ୟବାସୀଙ୍କର୍ ଶୁଭ, ଭଲ୍ ସ୍ୱାସ୍ଥ୍ୟ ଆଉ ସମୃଦ୍ଧିର୍ କାମ୍‌ନ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ଭଗବାନ ଶ୍ରୀକୃଷ୍ଣଙ୍କର୍ କରୁଣାନୁ ସମ୍‌କର୍ ଜୀବନ୍‌ଥି ସୁଖ୍, ଶାନ୍ତି, ସମୃଦ୍ଧି ଭରିଯାଉ ବଲି ଶ୍ରୀ ମାଝୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇକରି କହିଛନ୍, ଇ ପବିତ୍ର ପର୍ବ ଆମ୍‌କୁ ଗୋବଂଶ ଆଉ ପ୍ରକୃତିର୍ ସଂରକ୍ଷଣ୍ ଲାଗି ପ୍ରେରଣା ଦେସି । ଜୀବନ୍ ନ

ସନ୍ତୁଲନ୍ ବଜାୟ ରଖିକରି ସମୃଦ୍ଧି ଆଡ଼୍‌କେ ପ୍ରେରଣା ଦଉଥିବା ଇ ପୂଜା ସମ୍‌କର୍ ଜୀବନ୍‌ଥି ସମୃଦ୍ଧି ଆନିଦଉ ।

ଗୋବର୍ଦ୍ଧନ୍ ପୂଜା- ୧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କାଳେଶ୍ୱର୍, ନାରାୟଣ୍‌ପୁର୍, କଂଟାମାଲ୍, ଉଦେପୁର୍, ତେନ୍ତୁଲିଖୁଂଟି, ମୁଚେଲ୍‌ପଦର୍ ସହେତେ ଅଲ୍‌ଗା ଗାଁ ନ ଅନ୍ନର ପାହାଡ଼୍‌ଥି ଶ୍ରୀ ରାଧାକୃଷ୍ଣଙ୍କର୍ ଚଳନ୍ତି ପ୍ରତିମା ବିରାଜ୍‌ମାନ୍ ହେଇକରି ଗିରିଗୋବର୍ଦ୍ଧନ୍ ପୂଜା କରାଯାଇଛେ । ରଜାରାଜୁଡ଼ା ଅମଲ୍‌ନୁ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ରୀତିନୀତି ଅନ୍‌ସାରେ ଇ ପୂଜା କରାଯାଉଛେ ।

ଯୁକ୍ତ ଦୁଇ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଯୁକ୍ତ ଦୁଇ ନାଁଲେଖା ଲାଗି ଇ ଶିକ୍ଷା ବଛ୍‌ରେ ୩ ନମ୍ବର୍ ଖେପେ ମୋଟ୍ ୧୦ ହଜାର୍ ୫ ଶହ ୭୬ ଝନ୍ ଆବେଦନ୍‌କାରୀଙ୍କୁ ବଛାଯାଇଛେ । ସେମାନ୍‌କର୍ ଭିତ୍‌ରୁ ୮ ହଜାର୍ ୫ ଶହ ୮୭ ଝନ୍ ନୂଆଁ ଆବେଦନ୍‌କାରୀ ଅଛନ୍ । କଲାଥି ସବୁନୁ ଅଏତ୍‌କା ୬ ହଜାର୍ ୫ ଶହ ୯୪ ଝନ୍‌କୁ ବଛାଯାଇଛେ । ସେନ୍ତା ବିଜ୍ଞାନ୍‌ଥି ୨ ହଜାର୍ ୪ ଶହ ୩୯ ଝନ୍, ସଂସ୍କୃତଥି ୯ ଶଉ ୪୬ ଝନ୍, ବାଣିଜ୍ୟଥି ୪ ଶହ ୧୬ ଝନ୍ ଆଉ

ଧନ୍ଦାମୂଳକ୍ ଶିକ୍ଷାଥି ଶହେ ୯୧ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ ।

ଭାରତ୍- ଜଙ୍ଗଲ୍ ଇଲାକା ଏନ୍‌ଏସ୍‌ଡି

ବିଶ୍ୱ ପରିବେଶ୍ ସଂଗଠନ୍ କ୍ଷେତ୍ରଥି ଭାରତ୍ ଗୁଟେ ଉଲ୍ଲେଖନୀୟ ମାଇଲ୍‌ଖୁଂଟା ହାସଲ୍ କରିଛେ । ମୋଟ୍ ଜଙ୍ଗଲ୍ କ୍ଷେତ୍ରଫଳ ହିସାବେ ଭାରତ୍ ବିଶ୍ୱସ୍ତର୍ ନ ୯ ନମ୍ବର୍ ଠାନ୍‌କେ ଯାଇଛେ । ଇଣ୍ଡୋନେସିଆର୍ ବାଲି ଠାନେ ଖାଦ୍ୟ ଆଉ କୃଷି ସଂରକ୍ଷଣ୍ ତର୍‌ଫୁ ବାହାରିଥିବା ବିଶ୍ୱ ବନ ସମ୍ପଦ୍ ମୂଲ୍ୟାଙ୍କନ୍ ୨୦୨୫ ରିପୋର୍ଟ୍‌ଥି ଇଟା ଉଲ୍ଲେଖ କରାଯାଇଛେ । କେନ୍ଦ୍ର ଜଙ୍ଗଲ୍ ଆଉ ଜଲବାୟୁ ପରିବର୍ତନ୍, ପରିବେଶ୍ ମନ୍ତ୍ରୀ ଭୂପେନ୍ଦର୍ ଯାଦବ୍ କହିଛନ୍, ଇ ସଫଲତା ବନିକରଣ୍, ଜଙ୍ଗଲ୍ ସୁରକ୍ଷା ଆଉ ସମ୍ପ୍ରଦାୟ ନେତୃତ୍ୱ କ୍ଷେତ୍ରଥି କେନ୍ଦ୍ର ସର୍‌କାର୍‌ଙ୍କର୍ ନୀତି ଆଉ କାର୍ଯ୍ୟକ୍ରମ୍‌କେ ପ୍ରତିଫଳିତ୍ କରୁଛେ । ଆଘୋନୁ ଇ ମୂଲ୍ୟାଙ୍କନ୍‌ଥି ଭାରତ୍ ୧୦ ନମ୍ବର୍‌ନୁ ୯ ନମ୍ବର୍‌କେ ପହଁଚିବାର୍‌ଟା ଗୁଟେ ବଡ଼ ସଫଲତା ବଲି ସେ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ‘ଏକ୍ ପେଡ୍ ମା କେ ନାମ୍’ ଅଭିଯାନ୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ଯାଦବ୍ କହିଛନ୍, ସାରା ଦେଶେ ଇଟା ଗୁଟେ ଜନ ଆନ୍ଦୋଲନ୍ ହେବାର୍ ସହେତେ ପରିବେଶ୍‌କେ ସବୁଜ ଆଉ ସଚ୍ଛ ରଖ୍‌ବାର୍‌ଥି ସାହାଜ୍ କରୁଛେ ।

ସିପିଆର୍ ତାଲିମ           ଏନ୍ଏସ୍ଡି

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍ଫୁ ଦେଶର୍ ଭିନ୍ ଭିନ୍ ଜାଗା ନ ମୋଟ୍ ୬ ଲାଖ୍ ୬ ହଜାର୍ନୁ ଅଏତ୍କା ଅଂଶଗ୍ରହଣ୍କାରୀଙ୍କୁ ସିପିଆର୍ ତାଲିମ୍ ଦିଆଯାଇଛେ । ସାଧାରଣ୍ ଲୁକ୍କର୍ ଭିତ୍ରେ ଇ ବାବ୍ଦେ ସଚେତନତା ବଢ଼ାବାର୍ ଉଦ୍ଦେଶ୍ୟଥି ମନ୍ତ୍ରଣାଲୟ ତର୍ଫୁ ୧୩ ନୁ ୧୭ ତାରିଖ୍ ତକ୍ ସାରା ଦେଶେ ସିପିଆର୍ ସଚେତନତା ସପ୍ତାହର ଆୟୋଜନ୍ କରାଯାଇଥିଲା । ମାଇ ଗଭ୍ ପ୍ଲାଟ୍ଫର୍ମ ଜରିଏ ୭୯ ହଜାର୍ନୁ ଅଏତ୍କା ନାଗରିକ୍ ଡିଜିଟାଲ୍ ଶପଥ୍ ନେଇକରି ସିପିଆର୍ ବାବ୍ଦେ ସଚେତନତା ବଢ଼େଇଛନ୍ ।

କାର୍ଖାନା ସୁରକ୍ଷା ତାଲିମ୍ କର୍ମଶାଳା    ଭୁବ୍ନେଶ୍ୱର୍

ସମ୍ବାଦଦାତା

ରାଏଜେ କାର୍ଖାନା ମାନ୍କେ ସୁରକ୍ଷିତ୍ କାର୍ଯ୍ୟସ୍ଥଳୀ ଆଉ ଶ୍ରମିକ୍ମାନ୍କର ସୁରକ୍ଷାକେ ସର୍କାର୍ ପ୍ରାଥମିକତା ଦେଉଥିବାର୍ନୁ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ର ମଞ୍ଜୁରୀଥି କାର୍ଖାନା ଆଉ ବାଷ୍ପିତ୍ର ନିର୍ଦ୍ଦେଶାଳୟ ତର୍ଫୁ ଭିନ୍ ଭିନ୍ ସୁରକ୍ଷା ବାବଦ୍ ପ୍ରସଙ୍ଗ ଉପ୍ରେ ତାଲିମ୍

କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ରାଏଜେ ପାୱାର୍ ପ୍ଲାଂଟ୍ ମାନ୍‌କେ ସୁରକ୍ଷିତ୍ ଚଲନ୍, ଦେଖ୍‌ରେଖ୍ ଆଉ ମରାମତିକେ ନଜର୍‌ଥି ରଖିକରି ଆଏଜ୍ ରାଜ୍ୟ ଶ୍ରମ ପ୍ରତିଷ୍ଠାନ୍ ତର୍‌ଫୁ ପ୍ରତିଷ୍ଠାନ୍ ସମ୍ମିଲନୀ କକ୍ଷ ନ ହାଇପ୍ରେସର୍ ୱେଲ୍‌ଡିଂ ବାବ୍‌ଦେ ସୁରକ୍ଷା ଆଉ ଗୁଣବତା ଶୀର୍ଷକ୍ ବିଷେ ଉପ୍‌ରେ ଗୁଟେ ରାଜ୍ୟସ୍ତରୀୟ ତାଲିମ୍ କର୍ମଶାଳା ହେଇଯାଇଛେ । ଆଏଜ୍ ସଖାଲ୍‌ବେଲା ରାଜ୍ୟ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍‌ର ଅତିରିକ୍ତ ସଚିବ ରାଜେଶ୍ ଅଗ୍ରୱାଲ୍ କର୍ମଶାଳାକେ ଉଦ୍‌ଘାଟନ୍ କରିକରି କାର୍‌ଖାନା ମାନ୍‌କେ ସୁରକ୍ଷାକେ ଅଗ୍ରାଧିକାର୍ ଦିଆଯିବା ବଲି କହିଥିଲେ । ସେଅଡ଼େ ପ୍ରତିଷ୍ଠାନ୍ ତର୍‌ଫୁ ତାଲିମ୍ ପାଇଥିବା ଶହେ ଝନ୍ ଭିନ୍ ଭିନ୍ ବର୍ଗର୍ କାର୍‌ଖାନାର୍ ଅଧିକାରୀମାନ୍‌କୁ ଉଦ୍‌ଯାପନୀ ସଙ୍ଗେ ପ୍ରମାଣ୍‌ପତ୍ର ଦିଆଯାଇଥିଲା ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର    ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାକେ ଉଦ୍‌ଘାଟନ୍ କରିଥିଲେ । ଶିବିର୍‌ଥି ପଞ୍ଜିକରଣ୍ କରାଯାଇଥିବା ୪ ଶହ ୧୪ ଝନ୍ ରୋଗୀଙ୍କର୍ ପରୀକ୍ଷା କରାଯାଇକରି ଭିନ୍ନକ୍ଷମ ପ୍ରମାଣ୍‌ପତ୍ର ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ଉପ୍‌ରେ ହେଇଥିବା ଲଘୁଚାପ୍ ଆଏଜ୍ ଅବପାତ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇଟା ପଶ୍ଚିମ୍ ଆଉ ଉତର୍ ପଶ୍ଚିମ ଦିଗେ ତାମିଲ୍‌ନାଡୁ, ପୁଡୁଚେରୀ ଆଉ ଦକ୍ଷିଣ ଆନ୍ଧ୍ରପ୍ରଦେଶ୍ ଆଡ୍‌କେ ଯିବାର୍ ସହେତେ ଅଏତ୍‌କା ଘନୀଭୂତ୍ ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ରଏବାର୍‌ତକ୍ ରାଏଜେ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ତାର୍ ଉତ୍‌ରୁ ବଙ୍ଗୋପ୍ ସାଗର୍ ନ ୨୬ ଆଉ ୨୯ ତାରିଖ୍ ୨ ଟା ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ୧୩ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।